The Odisha Gazette

EXTRAORDINARY

PUBLISHED BY AUTHORITY

No. 2005 CUTTACK, MONDAY, AUGUST 21, 2023/SRAVANA 30, 1945

## ପୁରୀ ଜିଲ୍ଲାପାଳଙ୍କ, କାର୍ଯ୍ୟାଳୟ

## ଘୋଷଣା

### ବିଜ୍ଞପ୍ତି ସଂଖ୍ୟା ୧୦୧୩ / ତାରିଖ ୨୬.୦୭.୨୦୨୩

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLA R&R) ର ଧାରା ୧୯ ର ଅଧିନିୟମ (୧) ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନ ର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନ ର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ବାଲୁଖଣ୍ଡ ଥାନା-ପୁରୀ ସଦର ନଂ- ୧୫୧ ତହସିଲ – ପୁରୀ, ଜିଲ୍ଲା-ପୁରୀ ରେ ନିମ୍ନସୁଚିତ "କ" ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା **"ପୁରୀରେ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ମାଣ"** ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୧୧୫୩ ତା ୧୯.୧୨.୨୦୨୨ ରିଖ ରେ ପ୍ରକାଶିତ ହୋଇଅଛି । ଉକ୍ତ ବିଜ୍ଞପ୍ତି ସମ୍ବାଦ ରେ ତା ୩୦.୧୨.୨୦୨୨ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ବାଲୁଖଣ୍ଡ ଥାନା-ପୁରୀ ସଦର ନଂ-୧୫୧ ତହସିଲ – ପୁରୀ, ଜିଲ୍ଲା-ପୁରୀ ରେ କୌଣସି ବିସ୍ଥାପିତ ପରିବାର ନଥିବାରୁ ପୁନର୍ବାସ ଓ ଥଇଥାନ ନିମିତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇ ନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ www.puri.nic.in ରେ ଏବଂ ରାଜ୍ୟ

ସରକାରଙ୍କ ୱେବସାଇଟ http://revenue.odisha.gov.in ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ ଅର୍ଜନ ଅଧିକାରୀ,ପୁରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ।

**ଟଫସିଲ -କ**

**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚି )**

**ଜିଲ୍ଲା-ପୁରୀ** **ତହସିଲ -ପୁରୀ**

| ମୌଜାର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୨ | | ୩ | ୪ | ୫ | ୬ | ୭ | ୮ |
| ବାଲୁଖଣ୍ଡ -୧୫୧ | ଗ୍ରାମାଞ୍ଚଳ | ୯୨ | ୧୨୯୭/୧୭୧୨ | ଶାରଦ -୩ | ଏ୨.୫୯୦ | ଏ୨.୫୯୦ | ଗୌରାଙ୍ଗ ନାୟକ, ଯଦୁ ନାୟକ ପି – ହାଲୁ ନାୟକ, ଗୁଣି ନାୟକ , ଜଇ ନାୟକ , ଗୋବିନ୍ଦ ନାୟକ ପି- ଖୁଦ ନାୟକ , ରାଧୁ ନାୟକ ପି- ବାବନ ନାୟକ , ଜା- ଖଣ୍ଡାୟତ , ବା- ନିଜିଗାଁ ସାମିଲି ବାଲିଗୁଆଳି । |
| ବାଲୁଖଣ୍ଡ -୧୫୧ | ଗ୍ରାମାଞ୍ଚଳ | ୧୨୬ | ୧୨୯୭/୧୭୧୩ | ଶାରଦ -୩ | ଏ୨.୪୩୦ | ଏ୨.୪୩୦ | ଜଟାଧାରୀ ଜେନା ପି- ବାଲି ଜେନା, ଜା- ଖଣ୍ଡାୟତ , ବା- ନିଜିଗାଁ ସାମିଲି ବାଲିଗୁଆଳି । |
| | | | | **ମୋଟ** | **୫.୦୨୦** | **୫.୦୨୦** | |

**ଟଫସିଲ -ଖ**

**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚି )**

**ଜିଲ୍ଲା-ପୁରୀ** **ତହସିଲ -ପୁରୀ**

| ମୌଜାର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | କିସମ | ପ୍ଲଟ ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| **ପ୍ରଯୁଜ୍ୟ ନୁହେଁ** | | | | | | | |

**ଅଧିସୂଚନାର ବୈଧ ତାରିଖ : ୨୯.୧୨.୨୦୨୩**

**ରାଜ୍ୟପାଳଙ୍କ ଆଦେଶକ୍ରମେ**

**ସମର୍ଥ ବର୍ମା**

**ଜିଲ୍ଲାପାଳ,ପୁରୀ**

Printed and Published by the Director, Directorate of Printing, Stationery and Publication, Odisha, Cuttack-10

Ex. Gaz. 1290—173+9